# Akashvani, Sambalpur

## SAMBALPURI NEWS EVENING BULLETIN

## 21 August 2024- 7.02 pm- 7.12 pm.

*******************************************

୧- ଭାରତୀୟ ହକି ଦଲ୍ ଏକତା ଆର୍ ମନୋବଳ ଜରିଏ ବଡ଼୍ ବଡ଼୍ ଉପଲବ୍ଧି ହାସଲ୍ ହେଇପାର୍‌ବାର୍ ଶିକ୍ଷା ଦେଇଛେ - କହେଲେ ମୁଖ୍ୟମନ୍ତ୍ରୀ ।

୨- ଉପର୍‌ବେଲା ନୁ ବିଧାନ୍‌ସଭା ହେଲା ସ୍ୱାଭାବିକ୍ ।

- ଅନୁସୂଚିତ ଜାତି, ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍‌ର ଖର୍ଚ୍ଚ ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

୩- ରାଜ୍ୟସଭା ଉପନିର୍ବାଚନ୍ ଲାଗି ବିଜେପି ପ୍ରାର୍ଥୀ ମମତା ମହାନ୍ତ କଲେ ନାମାଙ୍କନ୍ ।

ଆଉର୍

୪- ରାଏଜେ ଯୁକ୍ତ ୩ ଆଉ ବିଟେକ୍ ଛାତ୍ରଛାତ୍ରୀଙ୍କୁ ଦିଆଯିବା ଦକ୍ଷତା ବିକାଶ୍ ତାଲିମ୍ ।

ହକି ଖେଲାଲୀ-ସମ୍ବର୍ଦ୍ଧନା ଆର୍‌ଏନ୍‌ୟୁ / ସମ୍ବଲପୁର

ଅଲମ୍ପିକ୍‌ଥି ଭାରତୀୟ ହକି ଦଲର୍ ଉପଲବ୍ଧି ଆମ୍‌କୁ ଏକତା ଆଉ ମନୋବଳ ଜରିଏ ବଡ଼ ବଡ଼ ଉପଲବ୍ଧି ହାସଲ୍ ହେଇପାର୍‌ବାର୍ ଶିକ୍ଷା ଦେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ଠାନେ ଅଲମ୍ପିକ୍‌ଥି କାଂସ୍ୟପଦକ୍ ଜିତିଥିବା ଭାରତୀୟ ହକି ଦଲର୍ ଖେଲାଲୀମାନ୍‌କର୍ ସମ୍ବର୍ଦ୍ଧନା ସମାରୋହଥି ଉଦ୍‌ବୋଧନ୍ ଦେଇକରି ସେ କହିଛନ୍ ଯେ, ଭାରତ୍ ଲାଗି ଗର୍ବ ଆନିଥିବା ଭାରତୀୟ ହକି ଦଲର୍ ଖେଲାଲୀମାନ୍‌କୁ ଭେଟିକରି ସେ ବହୁତ୍ ଖୁସି । ସେମାନେ ଆମର୍ ଲାଗି ପ୍ରେରଣାର ଉତ୍ସ ହେଇଥିବାର୍ ବେଲେ ଦଲ୍‌ଥି ଓଡ଼ିଆ ଖେଲାଲି ଅମିତ୍ ରୋହଦାସ୍ ବଡ଼ ଭୂମିକା ନେଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ୍ କର୍‌ବାର୍ ସଙ୍ଗେ ଖେଲ୍‌କେ ନିଜର୍ ଜୀବନ୍ ସାଙ୍ଗେ ଜୁଡ଼୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ସମ୍ବର୍ଦ୍ଧନା ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା , କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ୍ ତିର୍କି, ମୁଖ୍ୟ ଶାସନ୍ ସଚିବ ମନୋଜ୍ କୁମାର୍ ଆହୁଜା, ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଭିଲ୍ ଉପସ୍ଥିତ୍ ଥିଲେ । ଇତାର୍ ଆଘୋନୁ ଦୁଇପହରେ ଭାରତୀୟ ହକି ଦଲର୍ ଖେଲାଲୀମାନ୍‌କୁ ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍

ଆନ୍ତର୍ଜାତୀୟ ବିମାନ୍ ବନ୍ଦର୍‌ନୁ କଳିଙ୍ଗ ଷ୍ଟାଡ଼ିୟମ୍‌ତକ୍ ଗୁଟେ ଶୋଭାଯାତ୍ରାଥି ଅନାଯାଇଥିଲା ।

ବିଧାନ୍‌ସଭା ଭୁବନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ଅଧିବେଶନ୍ ଉପର୍‌ବେଲାନୁ ସ୍ୱାଭାବିକ୍ ହେଇଛେ । ଆଏଜ୍ ଗୃହ କାମ୍ ମୁଲ୍ ହେବାର୍ ଉତ୍‌ରୁ ବିରୋଧୀ ସଦସ୍ୟମାନେ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି କିର୍ଲାଗଗା କର୍‌ବାର୍‌ନୁ ୨ ଟା ଖେପେ ଉପର୍‌ବେଲା ୪ ବଜାତକ୍ ଗୃହ ମୁଲ୍‌ତବୀ ରହିଥିଲା । ଗୃହ କାମ୍ ସ୍ୱାଭାବିକ୍ ହେଲା ଉତ୍‌ରୁ ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ଖର୍ଚ୍ଚ ଦାବି ଉପ୍‌ରେ ଆଲୋଚନା ଚାଲିଛେ । ସେଥି ଶାସକ୍ ଆର୍ ବିରୋଧୀ ଦଲର୍ ସଦସ୍ୟମାନେ ଭାଗ୍ ନଉଛନ୍ ।

ହରିଶ୍ଚନ୍ଦ୍ର ଯୋଜ୍‌ନା-ପଂଚାୟତିରାଜ୍ ମନ୍ତ୍ରୀ

ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ହରିଶ୍ଚନ୍ଦ୍ର ଯୋଜ୍‌ନାଥି ଗରିବ୍ ପରିବାର୍‌ର ଲୁକ୍‌କର୍ ମୃତ୍ୟୁ ଉତ୍‌ରୁ ଅନ୍ତ୍ୟେଷ୍ଟିକ୍ରିୟାର୍ ଲାଗି ଶହେ ୮୧ କୋଟି ୮୪ ଲାଖ୍ ଟଙ୍କାର୍ ସାହାଜ୍ ଦେଇଛନ୍ ବଲି ବିଧାନ୍‌ସଭା ନ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍

ନାଏକ୍ କହିଛନ୍ । ଗୁଟେ ପ୍ରଶ୍ନର୍ ଉତର୍ ରଖିକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ଯେ, ୨୦୧୯ -୨୦ ମସିହାନୁ ରାଜ୍ୟ ସର୍କାର୍ ମୁଲ୍ କରିଥିବା ହରିଶ୍ଚନ୍ଦ୍ର ଯୋଜ୍ନାଥି ମୃତକ୍ଙ୍କର୍ ପରିବାର୍କେ ଗାଁ ଇଲାକା ନ ୨ ହଜାର୍ ଟଙ୍କା ଆର୍ ସହର୍ ଇଲାକା ନ ୩ ହଜାର୍ ଟଙ୍କା ଲେଖା ଦିଆଯାଉଛେ । ହରିଶ୍ଚନ୍ଦ୍ର ଯୋଜ୍ନାର୍ ସାହାଜ୍ ରାଶି ଫେର୍ଘାଏ ବଢ଼ାବାର୍କେ ନେଇକରି ସର୍କାର୍ଙ୍କର୍ ପାଖେ କେହେନି ପ୍ରସ୍ତାବ୍ ନାଇଁ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ମମତା ମହାନ୍ତ ନାମାଙ୍କନ୍ ପତ୍ର ଦାଖଲ

ଆର୍ଏନ୍ୟୁ/ କଟକ୍

ରାଜ୍ୟସଭା ଉପ-ନିର୍ବାଚନ୍ ଲାଗି ଆଏଜ୍ ବିଜେପି ପ୍ରାର୍ଥୀ ମମତା ମହାନ୍ତ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ବିଧାନ୍ସଭା ନ ରିଟର୍ଣ୍ଣିଂ ଅଫିସର୍ ଅବନୀକାନ୍ତ ପଟ୍ଟନାୟକଙ୍କର୍ ନ ଶ୍ରୀମତୀ ମହାନ୍ତ ନାମାଙ୍କନ୍ ପତ୍ର ଦାଖଲ୍ କଲା ସମିଆଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ୍ ସାମଲ୍, ରାଜ୍ୟପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍, ସାଂସଦ୍ ନବଚରଣ୍ ମାଝୀ ଆର୍ ଅନୀତା ଶୁଭଦର୍ଶିନୀ, ରାଜ୍ୟମନ୍ତ୍ରୀମଣ୍ଡଲ୍ର ସଦସ୍ୟ ଆର୍ ବିଧାୟକ୍ମାନେ ଉପସ୍ଥିତ୍ ଥିଲେ । ରାଜ୍ୟସଭା ଉପନିର୍ବାଚନ୍ଥି ବିଜେପି ତାହାକୁ ପ୍ରାର୍ଥୀ କରିଥିବାର୍ନୁ

ଶ୍ରୀମତୀ ମହନ୍ତ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ବିଜେପିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡାଙ୍କର୍ ସହେତେ ଦଲର୍ ନେତୃମଣ୍ଡଲୀଙ୍କୁ ଧନ୍ୟବାଦ୍ ଜନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟସଭା ଉପନିର୍ବାଚନ୍ ଲାଗି ଆଏଜ୍ ନାମାଙ୍କନ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଥିଲା ।

ସଂକଳ୍ପ ପତ୍ର ଆର୍‌ଏନ୍‌ୟୁ/ କଟକ୍

ବିକଶିତ୍ ଭାରତ୍ ଆର୍ ବିକଶିତ୍ ଓଡ଼ିଶା ଶୀର୍ଷକ୍ ଭିଜନ୍ ଡକ୍ୟୁମେଂଟ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ଯୋଜ୍‌ନା ଆଉ ସଂଯୋଜନା ବିଭାଗ୍ ତର୍‌ଫୁ ସଂକଳ୍ପ ପତ୍ର ଜାରି କରାଯାଇଛେ । ବିଶ୍ୱ ଦରବାର୍ ନ ଓଡ଼ିଶାର୍ ଅନନ୍ୟ ସାଂସ୍କୃତିକ୍ ପରମ୍ପରା ସଙ୍ଗେ ୨୦୩୬ ମସିହାଥି ସ୍ୱତନ୍ତ୍ର ଓଡ଼ିଶା ଗଠନ୍‌ର ଶତବାର୍ଷିକୀ ପାଲନ୍ ଲାଗି ମାର୍ଗଦର୍ଶିକା ତିଆର୍ କରାଯିବା ବଲି ସଂକଳ୍ପ ପତ୍ରଥି ଦର୍ଶାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ମସିହାତକ୍ ଭାରତ୍‌କେ ବିକଶିତ୍ କର୍‌ବାର୍ ଲାଗି ଯେନ୍ ଲକ୍ଷ୍ୟ ରଖିଛନ୍ ହେତାକେ ନଜର୍‌ଥି ରଖିକରି ଓଡ଼ିଶା ବିକାଶ୍‌ର ରାସ୍ତାଥି ସେ ସମିଆତକ୍ ବିକଶିତ୍ ଭାରତ୍ ଗଢ୍‌ବାର୍ ଲାଗି ପ୍ରତିବଦ୍ଧତାର୍ ସଙ୍ଗେ କାମ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ସଂକଳ୍ପ ନେଇଛନ୍ ବଲି ସଂକଳ୍ପ ପତ୍ରଥି କୁହାଯାଇଛେ ।

ରେଲ୍‌ମନ୍ତ୍ରୀ-ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ କଟକ୍

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିକରି ଓଡ଼ିଶାର୍ ୬ ଟା ନୂଆଁ ରେଲ୍‌ଲାଇନ୍ ପ୍ରକଳ୍ପର୍ ମଞ୍ଜୁରୀ ବାବ୍‌ଦେ ଜନେଇଛନ୍ । ଓଡ଼ିଶାର୍ ଜନଜାତି ବହୁଳ ଜିଲ୍ଲାମାନ୍‌କୁ ରେଲ୍‌ବାଇ ତର୍‌ଫୁ ନିଆଯାଉଥିବା ପଦକ୍ଷେପ୍ ଲାଗି ଅର୍ଥନୈତିକ୍ ବିକାଶ୍ ହେବା ବଲି ଶ୍ରୀ ବୈଷ୍ଣବ୍ ରାଷ୍ଟ୍ରପତିଙ୍କୁ କହିଥିଲେ ।

ଯୁକ୍ତ ୩ ଆର୍ ବିଟେକ୍-ଦକ୍ଷତା ବିକାଶ୍ ତାଲିମ

ସୂଚନା ଲୋକସମ୍ପର୍କ ବିଭାଗ

ରାଏଜେ ଏତ୍‌କର ଯୁକ୍ତ ୩ ଆର୍ ବିଟେକ୍ ଛାତ୍ରଛାତ୍ରୀମାନେ ଦକ୍ଷତା ବିକାଶ୍ ତାଲିମ୍ ପାଇପାର୍‌ବେ । ଉଚ୍ଚଶିକ୍ଷା ବିଭାଗ୍‌ର ସହଯୋଗ୍‌ଥି ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ ଇ କାର୍ଯ୍ୟକ୍ରମ୍‌ର ପରିଚାଳନା କର୍‌ବା । ହେଥି୍‌ର୍‌ଲାଗି ଦକ୍ଷତା ବିକାଶ୍ ଆଉ ବୈଷୟିକ ବିଭାଗ୍ ଆର୍ କୋର୍ସେରାର୍ ସହଭାଗିତାଥି ଶିଳ୍ପ, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଡିଜିଟାଲ୍ ସ୍କିଲିଂର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍

ଯେ ଇ କାର୍ଯ୍ୟକ୍ରମ୍‌ଥି ସାରା ରାଜ୍ୟର୍ ଉଚ୍ଚଶିକ୍ଷାନୁଷ୍ଠାନ୍, ଆଇଟିଆଇ ଆର୍ ପଲିଟେକ୍‌ନିକ୍‌ର ଛାତ୍ରଛାତ୍ରୀମାନ୍‌କୁ ମୋଟ୍ ଲାଖେ କୋର୍ସେରା ଲାଇସନ୍ସ ଦିଆଯିବା । କୌଶଲ୍ ଶିକ୍ଷା ସେମାନ୍‌କୁ ଭିନ୍ ଭିନ୍ ଶିଳ୍ପଥି ନିଯୁକ୍ତି ଲାଗି ପ୍ରସ୍ତୁତ୍ କରିପାର୍‌ବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

## କୃଷି କ୍ଷେତ୍ର ନ ଡିଜିଟାଲ୍ ସର୍ବେକ୍ଷଣ୍ ନୀତି

ସୂଚନା ଲୋକସମ୍ପର୍କ ବିଭାଗ୍

କୃଷି କ୍ଷେତ୍ର ନ ଡିଜିଟାଲ୍ ସର୍ବେକ୍ଷଣ୍ ନୀତି ଅପ୍‌ନାବାର୍‌ଥି ଦେଶେ ଓଡ଼ିଶା ପହେଲା ରାଜ୍ୟ ଆଏ ବଲି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଦାୟିତ୍ୱଥି ଥିବା ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଓୟୁଏଟିର୍ ନ ରିସର୍ଚ୍ଚ ପ୍ଲଟ୍‌ଥି ଇ ଚାଷ୍ ଆପ୍ ଆର୍ ପୋର୍ଟାଲ୍‌ର ଶୁଭାରମ୍ଭ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ଯେ, ସାରା ରାଏଜେ ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ ସମୃଦ୍ଧ କୃଷକ୍ ନୀତିକେ ତହଁକ୍ ଦେବାର୍ ସଙ୍ଗେ ଦୁର୍ଗମ୍ ଆର୍ ଅପହଁଚ୍ ଇଲାକାଥି ହେଉଥିବା ଫସଲ୍‌ର ସଠିକ୍ ତଥ୍ୟ ଦେବା । ସେ ତଥ୍ୟ ଆଏବା ସମିଆଥି କୃଷି କ୍ଷେତ୍ର ନ ବର୍‌କସ୍ ନୀତି ତିଆର୍‌ବାର୍‌ଥି ସାହାଜ୍ କର୍‌ବା ଆଉ ତାର୍ ସାଙ୍ଗେ ରାଏଜେ ପ୍ରଯୁକ୍ତିଭିତିକ କୃଷି ସେବାକେ ତ୍ୱରାନ୍ୱିତ କର୍‌ବା । ଇ ଚାଷ୍ ଆପ୍ ପୋର୍ଟାଲ୍ ଜରିଏ

ପାଖାପାଖି ୪୮ ଲାଖ୍ ଚାଷୀ ଉପକୃତ ହେବେ ବଲି ଶ୍ରୀ ସିଂହଦେଓ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ୨୦୨୩ ମସିହାଥି ରାଜ୍ୟର୍ ଦେବ୍‌ଗଡ୍, ନୂଆପଡ଼ା, ନୟାଗଡ୍ ଆର୍ ଭଦ୍ରକ୍ ଜିଲ୍ଲା ନ ପାଇଲଟ୍ ପ୍ରୋଜେକ୍ଟ ହିସାବେ ଡିଜିଟାଲ୍ ସର୍ବେକ୍ଷଣ୍ କରାଯାଇଥିଲା ।

ବନକଲାଗି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁଦୋ ମାସର୍ ଉଜଲ୍ ପଖର୍ ତୃତୀୟା ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହଉଛେ । ହେଥିର୍‌ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ । ବନକଲାଗି ଉତ୍‌ରୁ ଶ୍ରୀଜୀଉଙ୍କର୍ ମହାସ୍ନାନ ନୀତି ହେବା ଆଉ ତାର୍‌ଉତ୍‌ରୁ ସର୍ବସାଧାରଣ ଦର୍ଶନ୍ ହେଇପାର୍‌ବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍

କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୩ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

## ରାଜ୍ୟ କଂଗ୍ରେସ୍ ଷ୍ଟିଅରିଂ କମିଟି ବୈଠକ୍

ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ କଂଗ୍ରେସ୍ ଷ୍ଟିଅରିଂ କମିଟିର୍ ପହେଲା ବୈଠକ୍ ଆଏବା କାଏଲ୍ ହେବା ବଲି ଦଲ୍ ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଦଲର୍ ରାଜ୍ୟପ୍ରଭାରୀ ଅଜୟ କୁମାର୍‌ଙ୍କର୍ ନେତୃତ୍ୱଥି ୧୪ ଝନିଆ ଷ୍ଟିଅରିଂ କମିଟି ଗଢ଼ାଯାଇଥିବାର୍

ବେଳେ ଦଲର୍ ଆଘର୍ ସବୁ ରାଜ୍ୟ ସଭାପତି ଆଉ ବିଧାୟକ୍‌ମାନ୍‌କୁ ସ୍ୱତନ୍ତ୍ର ଅତିଥି ଭାବେ ଆଏବା କାଲିର୍ ବୈଠକ୍‌କେ ଡକାଯାଇଛେ । କଟକ୍‌ର ଆଘର୍ ବିଧାୟକ୍ ମହମ୍ମଦ୍ ମୁକିମ୍‌ଙ୍କୁ ଷ୍ଟିଅରିଂ କମିଟି ବୈଠକ୍‌ର ସଂଯୋଜକ ଭାର୍ ଦିଆଯାଇଛେ ।

ବ୍ରେନ୍ ଡେଡ୍ -ଅଙ୍ଗଦାନ୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ସହର୍ ପଂଚ୍‌ପଡ଼ାର ଝନେ ୪୨ ବର୍ଷିଆ ମହିଳା ରଶ୍ମୀପ୍ରଭା ପଟେଲ୍‌ଙ୍କର୍ ବ୍ରେନ୍ ଡେଡ୍ ହେଇଥିବାର୍ ବେଳେ ତାଙ୍କର୍ ଶରୀର୍‌ର ୩ ଟା ଅଙ୍ଗ ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍ ଆର୍ ବୃକକ୍ ଦାନ୍ ହେଇଛେ । ଆଏଜ୍ ଝାର୍‌ସୁଗୁଡ଼ା ଶ୍ମଶାନ୍ ନ ଏସ୍.ପି. ସ୍ମିଥ୍ ପର୍‌ମାର୍‌ଙ୍କର୍ ଉପସ୍ଥିତିଥି ରାଷ୍ଟ୍ରୀୟ ମର୍ଯ୍ୟାଦା ସାଙ୍ଗେ ରଶ୍ମୀପ୍ରଭାଙ୍କର୍ ଶବଦାହ କରାଯାଇଛେ ।

ବୌଦ୍ଧ ଜିଲ୍ଲାପାଳ-ଡାକ୍ତର୍‌ଖାନା ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଆଏଜ୍ ବୌଦ୍ଧ ନ ୩ ଶହ ଶଯ୍ୟାର୍ ଡାକ୍ତର୍‌ଖାନା କୋଠା ତିଆର୍ କାମ୍‌ର ସମୀକ୍ଷା କରିଛନ୍ । ଜିଲ୍ଲାପାଳ୍ ତିଆର୍ ହଉଥିବା କୋଠା

ବୁଲି ଦେଖିବାର୍ ସଙ୍ଗେ ଜଲ୍‌ଦି କାମ୍ ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସଙ୍ଗେ ଜିଲ୍ଲାପାଲ୍ ଡାକ୍ତର୍‌ଖାନାର୍ ଡାଇଲିସିସ୍ କେନ୍ଦ୍ର ବୁଲି ଦେଖିକରି ରୋଗୀମାନ୍‌କୁ ସେମାନ୍‌କର୍ ସୁବିଧା ଅସୁବିଧା ବାବ୍‌ଦେ ପଚ୍‌ରେଇଥିଲେ ।

ନୂଆଁ ମୋବାଇଲ୍ ଗ୍ରାହକ ଆର୍‌ଏନ୍‌ୟୁ/ସମ୍ବଲପୁର

ସାରା ଦେଶେ ଇ ବଛର୍ ଜୁନ୍ ମାସେ ୧୫ ଲାଖ୍ ୭୩ ହଜାର୍ ୪ ଶହ ୪୧ ଝନ୍ ନୂଆଁ ମୋବାଇଲ୍ ଗ୍ରାହକ୍ ହେଇଥିବାର୍ ବେଲେ ସେଥୁ ଖାଲି ଓଡ଼ିଶା ନ ୨ ଲାଖ୍ ୯୬ ହଜାର୍ ୯ ଶହ ୯୯ ଝନ୍ ନୂଆଁ ମୋବାଇଲ୍ ଗ୍ରାହକ୍ ହେଇଛନ୍ । ଦେଶେ ମୋବାଇଲ୍ ନେଟ୍‌ୱାର୍କଥି ଗ୍ରାହକ୍ ଜୁଡ଼୍‌ବାର୍‌ଥି ମହାରାଷ୍ଟ୍ର ପହେଲା ଆର୍ ଓଡ଼ିଶା ୨ ନମ୍ବର୍ ଠାନେ ରହିଛେ ବଲି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ ଟ୍ରାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ଜୁନ୍ ମାସ୍‌ତକ୍ ରାଏଜେ ୩ କୋଟି ୪୧ ଲାଖ୍ ୭୧ ହଜାର୍ ୬ ଶହ ୧୫ ଝନ୍ ମୋବାଇଲ୍ ଗ୍ରାହକ୍ ଅଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ମେଘୁଆ ପାଗ୍ ରହିଛେ । ଆଏବା କାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାର୍ ଗୁଟେ ଜୁଡ଼େ଼ ଜାଗା ନ ଘଡ଼୍‌ଘଡ଼ି ସାଙ୍ଗେ ସାମାଏନ୍ ନୁ ମଧ୍ୟମ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।